

# ଚନ୍ଦୁର ପ୍ରଚେଷ୍ଟା

ଆମେ ପାରିବା

ମହିଳାମାନଙ୍କ ପ୍ରତି ହେଉଥିବା ସମସ୍ତ ହିଂସାର ବିଲୋପ

ପ୍ରିୟ ପାଠକ ବନ୍ଧୁ,

ଏହି କାହାଣୀ ନିଶ୍ଚିତ ଭାବରେ କାଳ୍ପନିକ ଅଟେ, କିନ୍ତୁ ଏହା ଏକ ସତ୍ୟ ଘଟଣା ଉପରେ ଆଧାରିତ । ଆମ ଦେଶରେ ପ୍ରତ୍ୟେକ ତିନିଜଣ ମହିଳାଙ୍କ ମଧ୍ୟରୁ ଜଣେ ମହିଳା ନିଜ ଦୈନନ୍ଦୀନ ଜୀବନରେ ଶାରୀରିକ ଅଥବା ମାନସିକ ହିଂସାର ଶିକାର ହୋଇଥାଏ । UNICEF (୨୦୦୭)ର ଗୋଟିଏ ଅଧ୍ୟୟନରୁ ଜଣାପଡ଼େ ଯେ, କେବଳ ଭାରତରେ ହିଁ ପ୍ରାୟ ୭.୯ କୋଟି ପିଲାମାନେ ନିଜ ଘରେ ହିଂସାର ଶିକାର ହୋଇଥାନ୍ତି । ଏ ପ୍ରସଙ୍ଗରେ ଏକଥା ସତ ଯେ, ହିଂସାର ଅଧିକ ଶୀକାର ପରିବାରର ସାନ ମାନେ ହିଁ ହୋଇଥାନ୍ତି । ଏହିପରି ଘଟଣା ଆମର ଘର ଅଥବା ଆଖପାଖ ସାଇ ପଡ଼ିଶାରେ ମଧ୍ୟ ହେଉଥିବ, କିନ୍ତୁ ବୋଧହୁଏ ଆମମାନଙ୍କ ମଧ୍ୟରୁ ଅନେକ ଏହିକଥା ବିଷୟରେ ଅଜ୍ଞ ଅଟନ୍ତି, କେହି କେହି ଜାଣିଶୁଣି ମଧ୍ୟ ଅଜଣା ପରି ରହିବାକୁ ପସନ୍ଦ କରିଥାଆନ୍ତି, ଏହି କାହାଣୀ ସେହି ସବୁ ନବଯୁବକ ଓ ନବ ଯୁବତୀଙ୍କ ଦ୍ୱାରା ପ୍ରେରିତ, ଯେଉଁମାନେ ଏହିପ୍ରକାର ହିଂସାର ବିରୋଧ  କରିଛନ୍ତି, ନିଜର ସ୍ୱର ଉତ୍ତୋଳନ କରିଛନ୍ତି ଏବଂ ପରିବର୍ତ୍ତନ ଆଣିବାକୁ ପ୍ରଚେଷ୍ଟା କରିଛନ୍ତି ।

ଆମେ ପାରିବା!



କଲେଜ ଛୁଟି ହୋଇଯିବାପରେ ଚନ୍ଦୁ ନିଜର ଗାଁକୁ ଫେରି ଆସିଥାଏ । ଆରାମ କରିବା, ସାଙ୍ଗମାନଙ୍କୁ ଦେଖା କରିବା, ଅଳ୍ପ କିଛି ପଢ଼ାପଢ଼ି ଏବଂ ବହୁତ ସମୟଯାଏଁ ଶୋଇରହିବା ତା'ର କାମ ଥିଲା ।


ଏଇ ଛୁଟି ସମୟରେ ମୋ ସହିତ ଦୋକାନରେ ଟିକିଏ ସାହାଯ୍ୟ କରନ୍ତୁନି?
ମୋ ସହିତ ଅଫିସ କାମ ଟିକିଏ ଶିଖିନେଉନୁ କାହିଁକି?
ବଡଭାଇ ଓ ବାପା, ପ୍ରାୟ ସବୁବେଳେ ନିଜ ସହିତ କାମରେ ଯିବା ପାଇଁ କହୁଥିଲେ କିନ୍ତୁ ଚନ୍ଦୁ, କୌଣସି ନା କୌଣସି ବାହାନା ଦେଖାଇ, ତାଙ୍କ କଥାକୁ ଏଡ଼ାଇଦେଉଥିଲା ।


ଦିନେ ସକାଳୁ ଚନ୍ଦୁକୁ ନିଜ ଝରକା ସେପାଖରୁ କିଛି ସ୍ୱର ଶୁଣିବାକୁ ମିଳିଲା...
ଏତେଗୁଡ଼େ ପଇସା କୁଆଡ଼େ ଗଲା, କିଛି ହିସାବପତ୍ର ରଖୁନୁ କି?
ଘର ପାଇଁ ଜିନିଷ ହିଁ ତ କିଣିଛି?
ଚୁପ! ତୋତେ କେବଳ ବାହାନା ଦରକାର ପଇସା ଖର୍ଚ୍ଚ କରିବାକୁ ।


ଆରେ,
ଏହାତ ଜଗତ ଭାଇର
ସ୍ୱର ଲାଗୁଛି!
ତାଙ୍କର କ’ଣ
ହେଲା?
ଏତି ମଧ୍ୟରେ ଚନ୍ଦୁର ମା, ତ ପାଇଁ ଗ୍ଲ’
ନେଇକରି ଆସିଲେ ଓ ଦେଖିଲେ, ଚନ୍ଦୁ
ଝରକା ବାହାରକୁ ଦେଖୁଛି ।


ନେ, ଗ୍ଧ' ପିଇ ନେ!
ଆରେ ଏହାତ ଆଜିକାଲିର
ପ୍ରତିଦିନିଆ ଘଟଣା ହୋଇଗଲାଣି
ରେ ପୁଅ । ପ୍ରତିଦିନ କିଛି ନା କିଛି
କଥାରେ ତମାସା ଚାଲୁଛି ।
ଛାଡ଼ ସେ କଥା ।
କିନ୍ତୁ ଗଜତ
ଭାଇତ ଏମିତି
ନଥିଲା...


କିଛି ଦିନ ହେବ
ତା ଦୋକାନ ସେମିତି କିଛି
ଭଲ ଚାଲୁନି, ଚିନ୍ତିତ ରହୁଛି
ତାକୁ ଲାଗୁଛି ତା ସ୍ତ୍ରୀ ତାକୁ
ଦୂର କରି ଦେଉଛି । ସବୁଦିନ
କିଛି ନା କିଛି ଝଗଡ଼ା
ଲାଗି ରହୁଛି ।
କୁଳାଙ୍ଗାର
ଚାପୁଡ଼ା
ଛାଡ଼ ସେ
କଥା । ତୁ ଚା’
ପିଇନେ ।


"ଯେ କ'ଣ ହେଲା?" ଚନ୍ଦୁ ଭାବିବାରେ ଲାଗିଲା । ଚନ୍ଦୁ ଏକଥା ବୁଝିବାକୁ ବାହାରି ଗଲା ।
ଆରେ ଚନ୍ଦୁ ଏତେ ସକାଳୁ ସକାଳୁ କ'ଣ କରୁଛୁ?
କ'ଣ ଏସବୁ ଏମିତି ସବୁବେଳେ ଚାଲିବ । ଆଜି ଜଗତ ନିଜ ଦୋକାନର ସମସ୍ୟା ଘର ଉପରେ କାଢୁଛି, କାଲି ଆଉ କେଉଁ କାରଣ ମିଳିଯିବ । ପରଦିନ ପୁଣି ଆଉ କିଛି କାରଣ...


ଚନ୍ଦୁ ଜଗତକୁ ଚା’ ଦୋକାନରେ ସାକ୍ଷାତ କଲା...
କ’ଣ ଖବର ଜଗତ ଭାଇ, ସମସ୍ୟାରେ ଥିବା ପରି ଜଣା ପଡୁଛ । ସବୁ ଠିକ ଅଛି ତ?
ଆରେ କିଛି ପଚାରନା ଚନ୍ଦୁ ଭାଇ । ଦୋକାନର ବହୁତ କ୍ଷତି ହୋଇ ଗଲା ।
କିଛି ସାହାଯ୍ୟ କରିବି କି? ଆରେ ସମସ୍ୟା ଶେଷ କର ଜଗତ ଭାଇ । ଟେନ୍‌ସନ୍ ଯୋଗୁଁ କାହାର କିଛି ପରିବର୍ତ୍ତନ ହୋଇଛି କି?
ଚେଷ୍ଟା ତ କରୁଛି ଭାଇ । କିନ୍ତୁ...


କିନ୍ତୁ ଜଗତ ଭାଇ କାମର ସମସ୍ୟା ଘର ଉପରେ ଲଦନି । ବେକାରରେ ଭାଉଜଙ୍କୁ ବି?
କ'ଣ ତୋର କହିବାର ଅର୍ଥ? ମୋ ଘର ବିଷୟରେ ଯଦି କିଛି କହିବୁ ତେବେ ଭଲ ହେବନି କହି ଦେଉଛି ।
ଆଉ ଯାହା ହେଉଛି ତାହା ବି କିଛି ଭଲ ହେଉନି ଜଗତ ଭାଇ, ଆଉ ଏକଥା ତୁମେ ବି ଜାଣିଛ ।
ଏମିତି ଚଳିବନି ।


ଏବେ କିଛି ଦିନ ପୂର୍ବର ଘଟଣା । ଯେତେବେଳେ ଚନ୍ଦୁ ଓ ତା'ର ସାଙ୍ଗମାନେ କଲେଜରେ ବସିଥିଲେ...
ନମସ୍କାର ଆମେ "ଆମେ ପାରିବା" ଅଭିଯାନରୁ ଆସିଛୁ । ଆପଣ ନିଶ୍ଚୟ ଏହି ଅଭିଯାନ ବିଷୟରେ ଶୁଣିଥିବେ...
ଯିଏକି ମହିଳାମାନଙ୍କର ବିରୁଦ୍ଧରେ ହିଂସା ବିଷୟରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଚେଷ୍ଟା କରୁଛି ।


ଏ ସବୁ ବେକାର
କଥା । ଆଜିକାଲି ଆମ
ସମାଜରେ ଏ ସବୁ କିଛି ହେଉ
ନାହିଁ । ଏ ସବୁ ହେଉଥିବ ସେହି
ସବୁ ପଛୁଆ ଗାଁ ଗୁଡ଼ିକରେ ।
ନା ମୋର ଘରେ ନା ମୋର
ସାହି ପଡ଼ିଶାରେ ଏମିତ
ହେଉଛି ।


ଆଉ ଆଜି ଏହି କଥା ଚନ୍ଦୁର ବାରମ୍ବାର ମନେ ପଡ଼ଥାଏ...
ଯଦି କିଛି କରିବାକୁ ଅଛି ତ ଆମକୁ ହିଁ କରିବାକୁ ହେବ । କିଛି ବଦଳାଇବା ପାଇଁ ଆମକୁ ସ୍ୱୟଂ ବଦଳିବାକୁ ହେବ ।
ପରବର୍ତ୍ତୀ ଦିନ ଗୁଡ଼ିକରେ ଚନ୍ଦୁ ଏହି ବିଷୟରେ ନିଜର ଗାଁ ଲୋକ ଏବଂ କଲେଜର ଛାତ୍ର ମାନଙ୍କ ସହ କଥା ହେଲା । କେହି କେହି ତା କଥାକୁ ପ୍ରତ୍ୟାଖ୍ୟାନ କରିଦେଲେ ତ କେତେ ଜଣ ତା କଥାକୁ ବୁଝିବାକୁ ଚେଷ୍ଟା କଲେ ।


ଚନ୍ଦୁଭାଇ,
ଆମେ ତୁମ
ସାଥିରେ ଅଛୁ ।
କିଛି
ବଦଳିବ କି ନାହିଁ
କହିବା କଷ୍ଟ ଅଟେ ।
କିନ୍ତୁ ଚେଷ୍ଟା କରାଯାଇ
ପାରେ ।
କଷ୍ଟ ନୁହେଁ,
ଏହା ସମ୍ଭବ
ଅଟେ!


ଯଦି ଆପଣଙ୍କୁ ଲାଗୁଥାଏ କି ଏହା ଏକ ପାରିବାରିକ ସମସ୍ୟା ଅଟେ ତେବେ ଏକଥା ଠିକ୍ ସେଇଆ ନୁହେଁ ।
ଆମେ ପାରିବା
କିନ୍ତୁ ଏହାର ଅର୍ଥ ଏହିପରି ନୁହେଁ କି ଚନ୍ଦୁ ଆଉ ତା'ର କେତେ ଜଣ ସାଥି 'ଆମେ ପାରିବା' ଅଭିଯାନର ପ୍ରାରମ୍ଭ ନିଜ ଗାଁରୁ କଲେ ।


ଯେତେବେଳେ ବି କୌଣସି ଝିଅ ବା ମହିଳା ସହିତ ଅନ୍ୟାୟ ହୋଇଥାଏ ତେବେ ତାହା କୌଣସି ବ୍ୟକ୍ତିଗତ ସମସ୍ୟା ନୁହେଁ । ଆମ ସମସ୍ତଙ୍କର ସମସ୍ୟା ଅଟେ । ଆମକୁ ଏହି ବିଷୟରେ ଆଲୋଚନା କରିବା ଦରକାର ।
ଆମେ ପାରିବା
ମହିଳାମାନଙ୍କ ପ୍ରତି ହେଉଥିବା ସମସ୍ତ ହିଂସାର ବିଲୋପ


ଅଳ୍ପ ବହୁତ ତ ଚଳିଯାଏ । ଏବେ କଲେଜରେ ମଉଜ କରିବାନି ତ କେବେ କରିବା ।
କଥା ଅଳ୍ପ ବା ବହୁତର ନୁହେଁ କଥା ଗୋଟିଏ ଝିଅର ଇଜ୍ଜତର ଅଟେ..


ଏ କଥାତ ଠିକ୍ ।
କିନ୍ତୁ ଯେତେବେଳେ ଘରେ
ନିଜ ମାଆ ସହିତ ଏପରି
ହେଉଥିବାର ନିଜେ ଦେଖୁଥାଉ
ସେତେବେଳେ ଆମେ ବାପାଙ୍କ
ବିରୁଦ୍ଧରେ କିପରି କିଛି
କହି ପାରିବୁ ।
ଏକଥାର ବିରୋଧ
କରିବାର ଅର୍ଥ ନୁହେଁ ଯେ ବାପାଙ୍କ
ଇଜ୍ଜତ ପ୍ରତି ବାଧା ପହଁଞ୍ଚାଇବା
ବରଂ ମାଆଙ୍କର ଇଜ୍ଜତକୁ ରକ୍ଷା
କରିବା । ଯଦି ତୁମେ କହିବନି
ତ କହିବ କିଏ?


ଏମିତି ତ ସବୁବେଳେ ହେଇ ଆସିଛି ପୁଅ! ଆମ ମହିଳାମାନଙ୍କୁ ତ ଏହି କଥା ମାନି ନେବାକୁ ପଡୁଛି ।
ଯାହା ସବୁବେଳେ ଚାଲି ଆସିଛି ତା ଅର୍ଥ ନୁହେଁ ଏସବୁ ସେମିତି ହିଁ ଚାଲିବ । ଯାହା ଚାଲି ଆସିଛି ଜରୁରୀ ନୁହେଁ କି ସେସବୁ ଠିକ୍ ଅଛି ।

ଚନ୍ଦୁ ଏବଂ ତା'ର ସାଙ୍ଗ ମାନେ ଯେମିତି ଅଭିଯାନର ଆରମ୍ଭ କରି ଦେଲେ କିଛି ଗ୍ରାମବାସୀ ତାକୁ ନିଜର କରିଦେଲେ ।
ଆଉ କେତେ ଜଣ ଗ୍ରାମବାସୀଙ୍କୁ ଏହି କଥା ଏବେବି ବେକାର ଲାଗୁଛି ।




ଖବର ନେବାରୁ ଜଣାପଡ଼ିଲା ଯେ ନୀଳାର ବାହାଘର ସ୍ଥିର ହେବାର ଥିଲା
ତେଣୁ ଏଣିକି ତା'ର ଆସିବା କଷ୍ଟକର ଥିଲା ।


ଚନ୍ଦୁ, ନୀଳାର ବାପାଙ୍କ ସହିତ ଏ ବିଷୟରେ କଥାବାର୍ତ୍ତା ହେବାକୁ ଠିକ୍ ବୋଲି ଭାବିଲା...
ପୁଅ, ମତେ ନୀଳା ଓ ଏହି ଅଭିଯାନରେ କୌଣସି ସମସ୍ୟା ନାହିଁ । କିନ୍ତୁ ମୁଁ ତ ହେଲି ଗରୀବ ଲୋକ । ଯେତେ ଶୀଘ୍ର ଝିଅର ବାହାଘର କରି ଦେବି ସେତିକି ଭଲ ।
କିନ୍ତୁ ବାପା ନୀଳା ତ ଭଲ ନମ୍ବର ରଖି ଇଣ୍ଟର ପାଶ କରିଛି । ଟ୍ୟୁସନରୁ ନିଜର ଦେଖାରଖା ବି କରିପାରୁଛି । ସେ ଆଗକୁ ପଢ଼ିବାକୁ ଚାହୁଁଛି ।
ଜଣା ଅଛି ପୁଅ, କିନ୍ତୁ ମୋ ପାଖରେ କଲେଜ ପାଇଁ ପଇସା ନାହିଁ ।
ବାବା ମୋତେ ଗୋଟିଏ ସୁଯୋଗ ଦିଅନ୍ତୁ!

ପରବର୍ତ୍ତୀ ଦିନ ଗୁଡ଼ିକରେ ଚନ୍ଦୁ ଓ ତା'ର ସାଙ୍ଗସାଥିମାନେ କଲେଜର ପ୍ରିନ୍‌ସପାଲଙ୍କ ସହ କଥା ହୋଇ ନୀଳା ପାଇଁ ଛାତ୍ର ବୃତ୍ତିର ବ୍ୟବସ୍ଥା କଲେ । ଏହିପରି ଭାବରେ ବଦଳି ଯାଉଥିବା ଜଣେ ଚନ୍ଦୁ ଗାଁରେ ପରିବର୍ତ୍ତନର ଏକ ଲହରୀ ସୃଷ୍ଟି କଲା ।




ଛୁଟି ବିତାଇ ସାରିବା ପରେ ଚନ୍ଦୁ ଫେରିଯାଇ ନିଜ କଲେଜର ସାଙ୍ଗ ମାନଙ୍କ ସହିତ "ଆମେ ପାରିବା" ଅଭିଯାନରେ ସମ୍ପୂର୍ଣ୍ଣ ଭାବରେ ସକ୍ରିୟ ହୋଇଗଲା । ଚନ୍ଦୁ ଗୋଟିଏ ଚେଷ୍ଟାର ଶୁଭାରମ୍ଭ କଲା ।

**ଛୋଟ-ଛୋଟ ପ୍ରଚେଷ୍ଟା ଆଣିପାରେ ବଡ଼ରୁ ବଡ଼ ପରିବର୍ତ୍ତନ!**

# ଆମ ଆଖ ପାଖରେ କେତେଜଣ ପରିବର୍ତ୍ତନ ପ୍ରେରଣାଦାୟକ



ଚୁପ ରହିବା, ଏବଂ ସହିବା ପାଇଁ ମୁଁ ପ୍ରସ୍ତୁତ ନଥିଲି, ତେଣୁ ଆଜି ମୁଁ କମିକ୍ସ ବା ଛୋଟ କାହାଣୀ ମାଧ୍ୟମରେ ଏହି ବିଷୟରେ ନିଜ କଥାକୁ ସମାଜ ସମ୍ମୁଖରେ ପ୍ରକାଶ କରୁଛି।
- ଅମୃତା, ରାଜସ୍ଥାନ



ମୁଁ ଘର ଭିତରର ହିଂସା ବିରୁଦ୍ଧରେ କହିବାକୁ ମୋର ଦାଇତ୍ୱ ବୋଲି ଭାବିଲି।
ଏହା କୌଣସି ଏକ ବଡ଼ ସାହସିକତାର କାମ ନୁହେଁ। ଏହା ଆବଶ୍ୟକ।
- ରାମାନୁଜ ନାୟକ, ଆନ୍ଧ୍ରପ୍ରଦେଶ



ଆମର ସାଇ ପଡ଼ିଶାରେ ଏହା ପ୍ରାୟ ସବୁବେଳେ ହୋଇଥାଏ,
କିନ୍ତୁ ଏହାର ଅର୍ଥ ନୁହେଁ ଯେ ଆମେ ଏହାକୁ ସ୍ୱୀକାର କରିନେବା ଉଚିତ୍।
- ବିଦ୍ୟା, ଆନ୍ଧ୍ରପ୍ରଦେଶ



ଏକାସ୍ତରର ସ- ର୍କରେ ହିଂସା ସ୍ଥାନ ପାଇ ନ ଥାଏ। ଏ ବିଷୟ ଉପରେ ମୁଁ ମୋର ସାଙ୍ଗ ସାଥି ମାନଙ୍କ ସହିତ ଆଲୋଚ଼ନା କରିଲି ଏବଂ ସେମାନେ ଏହି ଅଭିଯାନରେ ସାମିଲ୍ ହେବାପାଇଁ ପ୍ରୋତ୍ସାହିତ କରିଲି।
- ଶଶିରାଜ୍ ଗୁରଙ୍ଗ, ନେପାଳ



ଯେଉଁଦିନ ଠାରୁ ମୁଁ ମହିଳାମାନଙ୍କୁ ସମ୍ମାନ କରିବା ଶିଖିଗଲି,
ସେହିଦିନ ଠାରୁ ସମାଜ ମଧ୍ୟ ମୋତେ ସମ୍ମାନ ଦେଉଛି।
-ରବି ତୋମର, ମଧ୍ୟପ୍ରଦେଶ



ମୋତେ ବହୁତ କଷ୍ଟ ସହିବାକୁ ପଡ଼ିଲା,
କିନ୍ତୁ ମୁଁ ସାହସ ହରାଇଲି ନାହିଁ।
- ତିଥି ସାଦିୟାଜାଫିନ୍, ବଙ୍ଗଳାଦେଶ



ହିଂସା ବିରୋଧରେ ଆମେ ସ୍ୱର ଉଠାଇବାନି ତ ଆଇ କିଏ ଉଠାଇବ?
- ଗୁଞ୍ଜା କୁମାରୀ ଶ୍ରୀବାସ୍ତବ, ଝାରଖଣ୍ଡ



ମହିଳା ଉପ୍ତିଡ଼ନ ଏବଂ ହିଂସା କେଉଁଠିକାର ପର- ରା ହୋଇପାରେ?
ଯଦି କାହା ଉପରେ ଏପରି ଅତ୍ୟାଚ଼ାର ହେଉଥାଏ ତେବେ ସେ ଚୁପ୍ ରହିବା ଉଚିତ୍ ନୁହେଁ।
- କୁଲବନ୍ତ କୌର, ଦିଲ୍ଲୀ

## ‘ଆମେ ପାରିବା’ ଅଭିଯାନ କ’ଣ ଅଟେ?

- ‘ଆମେ ପାରିବା–ମହିଳାମାନଙ୍କ ପ୍ରତି ହେଉଥିବା ସମସ୍ତ ହିଂସାର ବିଲୋପ’, ଦକ୍ଷିଣ ଏସିଆର 6 ବର୍ଷିୟ କ୍ଷେତ୍ରୀୟ ଅଭିଯାନ, ଅଟେ, ଯେଉଁଥିରେ ଏହି କ୍ଷେତ୍ରରେ ଛଅଟି ଦେଶ– ବାଙ୍ଗଲାଦେଶ, ଶ୍ରୀଲଙ୍କା, ନେପାଳ, ପାକିସ୍ଥାନ ଏବଂ ଆଫଗାନିସ୍ତାନରେ ରେ ମହିଳାମାନଙ୍କ ପ୍ରତି ଲିଙ୍ଗଗତ ଭେଦଭାବର ମୂଳ କାରଣକୁ ଦୂର କରିବା ତଥା ସେମାନଙ୍କ ପ୍ରତି ସବୁ ପ୍ରକାର ଅତ୍ୟାଚାରକୁ ସମାପ୍ତ କରିବା ପାଇଁ ଚେଷ୍ଟା କରାଯାଉଛି ।
- ଏହି ଅଭିଯାନ 50 ଲକ୍ଷ ‘ପରିବର୍ତ୍ତନ ପ୍ରେରକ’ ଜରୀଆରେ ଦକ୍ଷିଣ ଏସିଆରେ 5 କୋଟି ଲୋକମାନଙ୍କ ପାଖରେ ପହଁଞ୍ଚିବା ପାଇଁ କାମ କରୁଛି । କାହିଁକି ନା ଏହାର ବିଶ୍ୱାସ ଲୋକମାନେ ହିଁ ଲୋକମାନଙ୍କୁ ପ୍ରଭାବିତ କରି ପାରିବେ ଏବଂ ତାଙ୍କର ବିଚାରଧାରା ଓ ଦୃଷ୍ଟିକୋଣରେ ପରିବର୍ତ୍ତନ ଆଣି ପାରିବେ ।
- ଭାରତରେ ଏହି ଅଭିଯାନ ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ଉତ୍ତରାଞ୍ଚଳ, ରାଜସ୍ଥାନ, ଗୁଜୁରାଟ, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ଦିଲ୍ଲୀ, ପଶ୍ଚିମବଙ୍ଗ, ଓଡ଼ିଶା, ଝାଡ଼ଖଣ୍ଡ ଏବଂ ତାମିଲନାଡୁରେ ଚାଲିଛି ।

## ପରିବର୍ତ୍ତନ ପ୍ରେରକ କେଉଁ ପ୍ରକାରର ହୋଇପାରିବେ?

- ଯେ କୌଣସି ବ୍ୟକ୍ତି ଯିଏ ମହିଳାମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ସମ୍ବନ୍ଧିତ ନିଜର ବିଚାର ଏବଂ ବ୍ୟବହାରକୁ ବଦଳାଇବା ତଥା ଅନ୍ୟ ଦଶ ଜଣ ଲୋକଙ୍କୁ ମଧ୍ୟ ଏହିପରି କରିବା ପାଇଁ ପ୍ରଭାବିତ କରିବାକୁ ଚେଷ୍ଟା କରେ ।
- ଏମିତି ଲୋକ ସିଏ ନିଜ କାର୍ଯ୍ୟ (ସ୍କୁଲ୍‌ରେ, କାର୍ଯ୍ୟାଳୟରେ, ସରକାରୀ ସଂସ୍ଥାମାନଙ୍କରେ, କାରଖାନାରେ, ଚିକିତ୍ସା କେନ୍ଦ୍ର ଆଦିରେ) ସମୟରେ ନିଜର ସହକର୍ମୀ ଓ ଗ୍ରାହକ ମାନଙ୍କୁ ପ୍ରଭାବିତ କରିବାର ପ୍ରୟାସ ବା ଚେଷ୍ଟା କରେ ।

## ପରିବର୍ତ୍ତନ ପ୍ରେରକ କେଉଁ କାମ କରିବେ?

ଆରମ୍ଭରେ, ପରିବର୍ତ୍ତନ ପ୍ରେରକମାନେ ମହିଳାମାନଙ୍କ ବିରୁଦ୍ଧରେ ହେଉଥିବା ଅତ୍ୟାଚାରର ସମାପ୍ତ କରିବା ପାଇଁ ବାର୍ତ୍ତା ଏପରି ବ୍ୟକ୍ତିମାନଙ୍କ ମଧ୍ୟରେ ପ୍ରଚାରିତ କରିବା ପାଇଁ ପ୍ରୋତ୍ସାହିତ କରିବେ ଯେଉଁ ମାନଙ୍କୁ ସେମାନେ ଜାଣନ୍ତି । ଏହି ବିଷୟରେ ସେମାନେ ନିଜର ସଚେତନତା ବଢ଼ାଇବା ପାଇଁ ମଧ୍ୟ ସେମାନଙ୍କୁ ପ୍ରୋତ୍ସାହିତ କରିବେ । ଯେତେ–ଯେତେ ଅଭିଯାନ ଆଗକୁ ବଢ଼ି ଚାଲିବ ଆହୁରି ଅଧିକ ପରିବର୍ତ୍ତନ ପ୍ରେରକ ଯୋଗ ଦେବାରେ ଲାଗିବେ ସେମାନେ ନିମ୍ନଲିଖିତ ଉପାୟରେ ଅନ୍ୟମାନଙ୍କୁ ପ୍ରଭାବିତ କରିବାକୁ ସକ୍ଷମ ହୋଇଥିବେ:

- ନିଜ ସମୁଦାୟରେ ଲିଙ୍ଗ ଆଧାରିତ କାର୍ଯ୍ୟକଳାପ, ପାର–ରିକ ଧାରଣା ଏବଂ ବ୍ୟବହାରର ଉଚିତ୍ ମୁକାବିଲା କରିବା ।
- ମହିଳାମାନଙ୍କ ପ୍ରତି ହେଉଥିବା ଅତ୍ୟାଚାରର ସାର୍ବଜନୀକ ଭାବେ ବିରୋଧ କରିବା ।
- ଅତ୍ୟାଚାରକୁ ସାମନା କରୁଥିବା ମହିଳାମାନଙ୍କୁ ସମର୍ଥନ କରିବା ।

## ପରିବର୍ତ୍ତନ ପ୍ରେରକ ଛୋଟ-ଛୋଟ ଚେଷ୍ଟା ମାଧ୍ୟମରେ ପରିବର୍ତ୍ତନ ଆଣିବାର ପ୍ରୟାସ କରିପାରିବେ:

- ନିଜେ ନିଜର ଚିନ୍ତାଧାରାରେ ପରିବର୍ତ୍ତନ ଆଣିବା ।
- ଏମିତି ଲୋକ ଯିଏ ନିଜ କାର୍ଯ୍ୟ (ସ୍କୁଲ୍‌ରେ, କାର୍ଯ୍ୟାଳୟରେ, ସରକାରୀ ସଂସ୍ଥାମାନଙ୍କରେ, କାରଖାନାରେ, ଚିକିତ୍ସା କେନ୍ଦ୍ର ଆଦିରେ) ନିଜର ସହକର୍ମୀ ଓ ଗ୍ରାହକମାନଙ୍କୁ ପ୍ରଭାବିତ କରିବାର ପ୍ରୟାସ ବା ଚେଷ୍ଟା କରେ ।
- ଅନ୍ୟ ଲୋକମାନଙ୍କୁ ଅତ୍ୟାଚାରର ଏବଂ ଲିଙ୍ଗ–ପକ୍ଷପାତର ବିଭିନ୍ନ ସ୍ୱରୁପକୁ ଚିହ୍ନେଇବା ପାଇଁ ପ୍ରୋତ୍ସାହିତ କରିବା ।
- ଏକ ସକାରାତ୍ମକ ପରିବେଶ ସୃଷ୍ଟି କରିବା ପାଇଁ ସମୁଦାୟର ପ୍ରଭାବଶାଳୀ ଲୋକମାନଙ୍କୁ ଅଭିଯାନରେ ସାମିଲ କରିବା ।

## ପରିବର୍ତ୍ତନ ପ୍ରେରକ ହେବା ପାଇଁ ନିମ୍ନଲିଖିତ ଠିକଣାରେ ସମ୍ପର୍କ କରନ୍ତୁ ।

(କ୍ଷେତ୍ରୀୟ ସଂସ୍ଥାର ନାମ ଏବଂ ଠିକଣା)

**ଛୋଟ-ଛୋଟ ଚେଷ୍ଟା ଆଣିପାରିବ**

**ବଡ଼ରୁ ବଡ଼ ଧରଣର ପରିବର୍ତ୍ତନ!**

# ଛୋଟ-ଛୋଟ ଚେଷ୍ଟା
# ଆଣିପାରିବ ବଡ଼ରୁ ବଡ଼
# ଧରଣର ପରିବର୍ତ୍ତନ!

ଆମେ ପାରିବା

ମହିଳାମାନଙ୍କ ପ୍ରତି ହେଉଥିବା ସମସ୍ତ ହିଂସାର ବିଲୋପ


ରିଜିଓନାଲ୍ କ୍ୟାେ-ନ୍ ସେକ୍ରେଟେରିଏଟ୍
ଦ୍ୱାରା ସାଉଥ୍ ଏସିଆ ରିଜୋନାଲ୍ ସେଣ୍ଟର
ଅକ୍ସଫେମ୍ (ଇଣ୍ଡିଆ) ଟ୍ରଷ୍ଟ,
27, କମ୍ୟୁନିଟି ସେଣ୍ଟର, ଇଷ୍ଟ ଅଫ୍ କୈଳାଶ
ନୂଆ ଦିଲ୍ଲୀ–110 065, ଭାରତ
ଦୂରଭାଷ: +91(0)114239 6000
ଫ୍ୟାକ୍ସ: +91(0) 114239 6099
ଇ–ମେଲ୍: seceretariat@ wecanendvaw.org
www.wecanendvaw.org



Supported by:

European Union

Concept & Design: invertedcommasindia@yahoo.com